କରୁଥିବା ବା ଆମ ଜୀବନକୁ ବଞ୍ଚେଇ ରଖୁଥିବା ଗଛବୃଛ, ପାଣି, ପବନ ଉପରେ ଯେପରି ଭାବେ ଅତ୍ୟାଚାର ଜାରି ରହିଛି, ସେଥିରୁ ଜଣା ପଡୁଛି ଯେ ଏଇ କୋଡ଼ିଏ ପଚିଶ କି ଶହେ ଦେଢ଼ଶହ ବର୍ଷ ପରେ ଏସବୁର ଅବସ୍ଥା ସଙ୍କଟାପନ୍ନ ହୋଇଯିବ ଏବଂ ଏସବୁ ଆମ ଜୀବନଯାପନ କ୍ଷେତ୍ରରେ ନିଷ୍କ୍ରିୟ ହୋଇପଡ଼ିବେ । ମନକୁ ଆସୁଛି ଯେପରି ଏ ପୃଥିବୀ ଆଉ ତିଷ୍ଠି ରହିବ ନାହିଁ । ବସ୍ତୁତଃ ଆମ ଜୀବନ ହିଁ ବିପଦାପନ୍ନ ହୋଇପଡ଼ିବ । ଠିକ୍ ସେହିପରି ସଙ୍କେତ ମିଳୁଛି ଯେ ସାହିତ୍ୟ ଉପରେ ମଧ ଏମିତି ପ୍ରଭାବ ପଡ଼ିପାରେ । ଫରାସୀ ବିପ୍ଳବ ବେଳେ ମାନବ ସମାଜ ପ୍ରତି ତିନୋଟି ଆହ୍ୱାନ ଦିଆଯାଇଥିଲା – ସ୍ୱାତନ୍ତ୍ୟ, ସମାନତା ଓ ଭାତୃତ୍ୱ– ଏଇ ଯେଉଁ ତିନୋଟି ସୂତ୍ର ଦିଆଯାଇଥିଲା, ତାହାର ଆକର୍ଷଣ ଧୀରେଧୀରେ ନିଃଶେଷ ହୋଇଯିବା ପରି ଲାଗୁଛି । ପ୍ରକୃତରେ ଏହି ତିନୋଟି ପ୍ରସଙ୍ଗ ସାହିତ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପରସ୍ପର ପ୍ରତି ସମ୍ବେଦନଶୀଳତା, କରୁଣା, ଭାତୃଭାବ, ବ୍ୟକ୍ତିର ମୁକ୍ତପଣ ଓ ପାରସ୍ପରିକ ସମାନ ମନୋଭାବ କ୍ଷେତ୍ରରେ ଅବକ୍ଷୟ ଦେଖାଯାଉଛି । ସାହିତ୍ୟରେ ଲେଖକ ପୀଡ଼ିତ ଓ ଅବହେଳିତ ମଣିଷ ପାଖରେ ଛିଡ଼ା ହେଉଥିଲା । ତାକୁ ମନୋବଳ ଦେଉଥିଲା, ଜୀବନର ମାର୍ଗ ଦେଖାଇ ଦେଉଥିଲା । ଏବେ ସେ ସବୁ ଧୀରେ ଧୀରେ ଉଭେଇ ଯାଉଛି । ଏ ପୃଥିବୀ ଯେପରି ଏକଛତ୍ରବାଦ ଆଡ଼କୁ ଆକର୍ଷିତ ବା ଅଗ୍ରସର ହେବାରେ ଲାଗିଛି । ସାହିତ୍ୟରୁ ସମ୍ବେଦନା, କରୁଣା ଓ ସହମର୍ମିକତା ଅପସରିଯାଉଛି ।

ଏହି ଏକଛତ୍ରବାଦ ବା ବ୍ୟକ୍ତିର ନିଜସ୍ୱ ଇଚ୍ଛାକୁ ସମୁଦାୟଙ୍କ ଉପରେ ଜାହିର କରିଦେବାର ପ୍ରକ୍ରିୟା ଏବେ ଯେପରି ଆରମ୍ଭ ହୋଇଯାଇଛି । ନିକଟରେ ଚୀନ ଘୋଷଣା କରିଦେଇଛି ବ୍ୟକ୍ତିର ଆଜୀବନ କ୍ଷମତାର କଥା । ଏବେ ନିର୍ବାଚନ ଯେପରି ଏକ ପ୍ରହସନ ହୋଇଗଲାଣି । ଆପଣମାନଙ୍କର ମନେଥିବ ଜାର୍ ନିକୋଲାସ୍(ଦୁଇ)ଙ୍କ ମୃତ୍ୟୁର ଶହେ ବର୍ଷ ପାଳନର କଥା । ଏକଦା ଜନଗଣଙ୍କ ଆକ୍ରୋଶରେ ଯାହାଙ୍କୁ ହତ୍ୟା କରାଯାଇଥିଲା, ସେହି ହତ୍ୟାକାଣ୍ଡର ଶତାବ୍ଦୀ ପାଳନ ଏବେ ଋଷରେ ପାଳନ କରାଯାଉଛି । ଯେଉଁସ୍ଥାନରେ ନିକୋଲାସ୍‌ଙ୍କୁ ହତ୍ୟା କରାଯାଇଥିଲା, ସେହି ସ୍ଥାନରୁ ମଧ୍ୟରାତ୍ରୀରେ ହଜାର ହଜାର ଲୋକ ଶୋଭାଯାତ୍ରାରେ ବାହାରି ପହଞ୍ଚିଲେ ଯେଉଁ ପ୍ରତିଷ୍ଠାନ ବା ମୋନାଷ୍ଟ୍ରିରେ ତାଙ୍କର ସ୍ମୃତିଶେଷ ସଂରକ୍ଷିତ ହୋଇରହିଛି । ଏକଦା ସେହି ହତ୍ୟାକାଣ୍ଡ ପରେ ଏକଛତ୍ରବାଦ କବଳରୁ ମୁକ୍ତ ହୋଇ ଜନଗଣଙ୍କ ଦ୍ୱାରା କମ୍ୟୁନିଷ୍ଟ ବା ବାମବାଦର ପ୍ରସାର ଘଟିଥିଲା । ଆଜି ପ୍ରଶାସନ ପୁଣି ସେହି ସୈରଚାରୀ ବା ଏକଛତ୍ରବାଦର ଜୟଗାନ କରିବାକୁ ଆଗେଇଯାଉଛି । ଆଉ ଜନସାଧାରଣ ସେଥିରେ ସାମିଲ୍ ହୋଇଯାଉଛନ୍ତି ! ଜଣାପଡୁଛି ପୂର୍ବେ ଯାହା ହେଉଥିଲା ଏବେ ତାହାର ଯେପରି ପୁନରାବୃତ୍ତି ହେଉଛି । ସେହିପରି ସାଉଦି ଆରବରେ ଜଣେ ବ୍ୟକ୍ତି ଦୂତାବାସକୁ ଗଲା ବେଳେ ଗୁଳିବିଦ୍ଧ ହୋଇ ମୃତ୍ୟୁ ବରଣ କରିଛନ୍ତି । ନିକଟରେ ଇଣ୍ଟରପୋଲର ଏକଦା ମୁଖ୍ୟ ଥିବା ଜଣେ ଅଧିକାରୀଙ୍କୁ ଡକାଗଲା ପଚରା ଉଚରା ପାଇଁ, ହେଲେ ସେ ଆସିଲାବେଳେ ଗୁଳିରେ ପ୍ରାଣ ହରାଇଲେ ଏବଂ ତାଙ୍କ ସ୍ତ୍ରୀ ଏବେ ବିଦେଶରେ ବିଳାପ କରି ନ୍ୟାୟ ପାଇଁ ଦାବି କରୁଛନ୍ତି । ଏ ଯେପରି ଦାରାସୁକୋ ବା ହିଟ୍‌ଲରଙ୍କ ସମୟ ପରି ଅବସ୍ଥା ଘଟିଚାଲିଛି ସାରା ବିଶ୍ୱରେ । ସେତେବେଳେ ଲୋକମାନଙ୍କୁ ଯେପରି ଗାଏବ୍ କରିଦିଆଯାଉଥିଲା, ସେହି ଅବସ୍ଥା ପୁଣି ଯେପରି ଫେରିଆସୁଛି ।

ଆମ ଦେଶ ଏକ ଗଣତାନ୍ତ୍ରିକ ରାଷ୍ଟ୍ର, ଯେଉଁଠି ବିଭିନ୍ନ ଜାତି, ଧର୍ମ, ଭାଷା ଓ ସଂସ୍କୃତିର ଲୋକ ବସବାସ କରୁଛନ୍ତି । ଏଇଠି ସରକାର ପ୍ରଜାତାନ୍ତ୍ରିକ ହେବା ତ ନିହାତି ଜରୁରୀ । ହେଲେ ସେମାନଙ୍କ ତଳେ ରହୁଥିବା ପ୍ରତିଷ୍ଠାନ ଓ ବ୍ୟକ୍ତିମାନେ ଗଣତାନ୍ତ୍ରିକ ଆଚରଣ କରିବା ନିହାତି ଆବଶ୍ୟକ । ମାତ୍ର ସେମାନେ ଏକଛତ୍ରବାଦୀ ; ଫଳତଃ ଅସହିଷ୍ଣୁତା, ଲିଙ୍ଗ ଓ କୁଳବର୍ଗୀବାଦ ଇତ୍ୟାଦି ବ୍ୟାପୁଛି । ଯେତେବେଳେ ଜଣେ ଲେଖକକୁ କୁହାଯିବ ଯେ ତମେ ଏପରି ଲେଖିପାରିବ ନାହିଁ, ସେତେବେଳେ ସେ ନିଜକୁ ଜଣେ ବନ୍ଦୀ ବୋଲି ଭାବି ବସିବ । ନିଜକୁ ଓ ନିଜ ଲେଖାକୁ ନିୟନ୍ତ୍ରଣ କରିବାକୁ ବାଧ ହେବ । ତାହା ସାହିତ୍ୟ ପାଇଁ ହିତକର ନୁହେଁ । ଦ୍ୱିତୀୟତଃ ଆମ ଭାରତୀୟ ସାହିତ୍ୟ ପାଇଁ ଆଉ ଏକ ବିପଦ ହେଉଛି – ସାହିତ୍ୟ ମହୋତ୍ସବ ବା ଲିଟେରେଚର୍ ଫେଷ୍ଟିଭାଲ । ମୁଁ ମଧ ଦୁଇ ତିନୋଟିରେ ଯୋଗ ଦେଇଛି । ସେଥିରୁ ଗୋଟିଏ ହେଉଛି ବାଙ୍ଗାଲୋର୍‌ରେ । ସେହି ଉତ୍ସବ ଗୁଡ଼ିକରେ ବିଭିନ୍ନ ପ୍ରକାରର ଆଲୋଚନା ବା ସେମିନାର ଚାଲୁଛି । ଯେମିତି ଏରୋଟିକା ଉପରେ, କିପରି ଭାବେ ଯୌନ ଉଦ୍ଦୀପକ ସାହିତ୍ୟ ଲେଖାଯାଏ, କିପରି ଭାବେ ବେଷ୍ଟ୍ ସେଲର୍ ଉପନ୍ୟାସ ଲେଖାଯାଏ– ଏସବୁ ବିଷୟରେ ଆଲୋଚନା ହେଉଛି ଓ ଲେଖକମାନଙ୍କୁ ତାହା ଶିଖାଇ ଦିଆଯାଉଛି । ସାହିତ୍ୟରେ ଯେଉଁ ଗମ୍ଭୀରତା, ସମ୍ବେଦନଶୀଳତା ଓ ବୈଶିଷ୍ଟ୍ୟ ରହିଛି ବା ରହିବା ଆବଶ୍ୟକ ତାହା ଉପରେ ଆଲୋଚନା ନାହିଁ । ସବୁ ଲେଖକଙ୍କ ରଚନା ସାହିତ୍ୟ ହୁଏ ନାହିଁ । ରଚନାରେ ବୈଶିଷ୍ଟ୍ୟ ଥିଲେ ସେହି ଲେଖକ ବିଶିଷ୍ଟ ହୁଅନ୍ତି । ସାହିତ୍ୟର ଏହି ସବୁ ଉପାଦେୟ ପ୍ରସଙ୍ଗକୁ ଆମେ ଯେପରି ନିଃଶେଷ କରିଦେବାକୁ ବସିଛୁ । ଆଉ କେତେକ ସାହିତ୍ୟ ଉତ୍ସବରେ ଦେଖାଯାଉଛି ଯେ ନିଜ ନିଜ ବର୍ଗର ଲେଖକମାନଙ୍କୁ ସେଥିରେ ଗୁରୁତ୍ୱ ଦିଆଯାଉଛି । ସେହି ସବୁ ଆକର୍ଷଣୀୟ ଉତ୍ସବରେ ସେମାନଙ୍କୁ ଗୋଟିଏ ପରିଚିତି ମିଳିଯାଉଛି । ସେମାନେ ସଫଳ ସାହିତ୍ୟିକ ଭାବେ ପ୍ରଚାରିତ ହେଉଛନ୍ତି । ସାଧାରଣତଃ ଏସବୁ ଉତ୍ସବ କିଛି ଅସଫଳ ସାହିତ୍ୟିକ ଆୟୋଜନ କରୁଛନ୍ତି ବା ଏହାକୁ ନିୟନ୍ତ୍ରଣ କରୁଛନ୍ତି । କିନ୍ତୁ ସାହିତ୍ୟରେ ସେମାନଙ୍କର କୌଣସି ନିଷ୍ଠା ବା କମିଟ୍‌ମେଣ୍ଟ୍ ରହୁନାହିଁ । ଏଥିରେ ସାହିତ୍ୟର କ୍ଷତି ଘଟୁଛି । ସାହିତ୍ୟ ଏପରି ଅବସ୍ଥାକୁ ଆସିଯାଉଛି ଯେ ସାହିତ୍ୟରେ ଆଉ ବୈଶିଷ୍ଟ୍ୟ ବୋଲି କିଛି ରହୁନାହିଁ । ସାହିତ୍ୟ ସାଧନାରେ କଷ୍ଟ ଭୋଗ ନ ଥିଲେ ତାହା ବିଶିଷ୍ଟ ସାହିତ୍ୟ ନ ହୋଇ ସାଧାରଣ ସାହିତ୍ୟ ପର୍ଯ୍ୟାୟକୁ ଚାଲିଯାଏ । ରଙ୍ଗିନ ଆଲୋକରେ ରଚିତ ସାହିତ୍ୟ – ସାହିତ୍ୟ ନୁହେଁ, ସାଦା ପୃଷ୍ଠାରୁ ତାହା ବିକଶିତ ହୋଇଉଠିବା କଥା । ରଙ୍ଗ ଆଲୁଅରୁ ଉଦ୍ଭବ ସାହିତ୍ୟ କୃତି କ୍ଷଣସ୍ଥାୟୀ ; କ୍ଷିପ୍ର ଗତିରେ ତାହା ବିସ୍ତରଣ କରିଥାଏ ସତ, କିନ୍ତୁ ତାହା ଶସ୍ତା ସାହିତ୍ୟର ପର୍ଯ୍ୟାୟ ଭୁକ୍ତ ହୋଇଯାଏ ।

ଆଉ ଏକ ପ୍ରସଙ୍ଗ ହେଉଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୋଧ–ଜ୍ଞାନର କଥା । କିଛି ଲେଖିବା ବା କୌଣସି ବିଷୟରେ ଲେଖିବାକୁ